بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୬ ଜାନୁଆରୀ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଈଶ୍ୱରପ୍ରେମର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଜୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ବିଗତ ଏକ ଖୁତ୍‌ବାରେ ମୁଁ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ପବିତ୍ର ଜୀବନୀ ମାଧ୍ୟମରେ ହୁଜୁର[ସ.ଅ]ଙ୍କ ଈଶ୍ୱରପ୍ରେମ ପ୍ରସଙ୍ଗରେ ଆଲୋଚନା କରିଥିଲି । ଏଥି ସଂକ୍ରାନ୍ତରେ ଅତିରିକ୍ତ ବର୍ଣ୍ଣନା କରିବି । ଯୁବ ଅବସ୍ଥା ଓ ଅବତାରତ୍ୱର ଦାବି କରିବା ପୂର୍ବରୁ ମଧ୍ୟ ମହାଭାଗଙ୍କ ଈଶ୍ୱରପ୍ରେମର ଉତ୍ତେଜନା ଏପରି ଥିଲା, ଯେ ମହାଭାଗ ସେଥିପାଇଁ ଉତ୍କଣ୍ଠିତ ହୋଇ (ହୀରା) ଗୁମ୍ଫାକୁ ଚାଲିଯାଉ ଥିଲେ ଏବଂ ସେଠାରେ ଈଶ୍ୱର ଭକ୍ତି ଓ ତାଙ୍କର ଜପ କରିବାରେ ନିମଜ୍ଜିତ ହୋଇ ଯାଉଥିଲେ । ସେହି ଅନାବିଳ ପ୍ରେମର ଚର୍ଚ୍ଚା କରି ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଅସଲ କଥା ଏହିକି ଯେ ଯେତେବେଳେ ଅଲ୍ଲାଃତାଲାଙ୍କ ସହିତ ପ୍ରେମ ଓ ଆଗ୍ରହ ଉତ୍ପନ୍ନ ହୋଇଯାଏ ତେବେ ସଂସାର ଓ ସଂସାରବାସୀଙ୍କ ପ୍ରତି ମନରେ ଏକ ଘୃଣା ତଥା ବିତୃଷ୍ଣାଭାବ ଜାଗ୍ରତ ହୋଇଯାଇଥାଏ । ଆଉ ସେତେବେଳେ ଏକାକୀ ରହିବା ଓ ନିଛାଟିଆ (ସ୍ଥାନ) ପସନ୍ଦ ଆସିଥାଏ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ବି ଏହି ଅବସ୍ଥା ଥିଲା । ମହାଭାଗ ଅଲ୍ଲାଃତାଲାଙ୍କ ପ୍ରେମରେ ଏପରି ବିଲିନ ହୋଇଯାଇଥିଲେ ଯେ ହୁଜୁର[ସ.ଅ] ଏକୁଟିଆ ରହିବାରେ ପୂର୍ଣ୍ଣ ଶାନ୍ତି ଓ ଆନନ୍ଦ ଲାଭ କରୁଥିଲେ । ଏପରି ସ୍ଥଳେ ଯେଉଁଠାରେ କୌଣସି ବ୍ୟକ୍ତି ଆରାମ ଓ ସୁଖ ପାଇ ନଥାଏ, ଯେଉଁ ସ୍ଥାନକୁ ଯିବାକୁ (ଲୋକମାନେ) ଭୟ କରିଥା'ନ୍ତି । ମହାଭାଗ ସେହିସ୍ଥଳେ ଏକାକୀ ଅନେକ ଦିବାରାତ୍ର ଅତିବାହିତ କରି ଦେଉଥିଲେ । ଏଥିରୁ ଏହା ମଧ୍ୟ ଜଣା ପଡୁଛି, ଯେ ପୁଣ୍ୟଶ୍ଳୋକ କିପରି ବୀର ଓ ସାହସୀ ଥିଲେ । ଆଉ ଯେତେବେଳେ ଈଶ୍ୱରଙ୍କ ସହିତ ସମ୍ପର୍କ ସୁଦୃଢ଼ ହୋଇଥାଏ ସେତେବେଳେ ସାହସ ମଧ୍ୟ ଉତ୍ପନ୍ନ ହୋଇଯାଇଥାଏ । ତେଣୁକରି ବିଶ୍ୱାସକାରୀ କଦାପି ଭୀରୁ ବା କାପୁରୁଷ ହୋଇ ନଥାଏ, ବରଂ ଜଣେ ସଂସାରପ୍ରେମୀ ହିଁ ଭୀରୁ ହୋଇଥାଏ । ତାହା ଠାରେ ପ୍ରକୃତ ବୀରତା ଗୁଣ ନଥାଏ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] ଗାରେ ହୀରାରେ ପୁଣ୍ୟଶ୍ଳୋକଙ୍କର ଉପାସନାର ଆଲୋଚନା କରି ହଜରତ ଆଏଶା[ର.ଅ]ଙ୍କ ବର୍ଣ୍ଣିତ ଏକ ହଦିସ୍‌ର ବ୍ୟାଖ୍ୟାତ୍ମକ ଚର୍ଚ୍ଚା କଲେ ଯେ ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଅଲ୍ଲାଃତାଲାଙ୍କ କୃପା (ଅବତୀର୍ଣ୍ଣ ହେବା) ବ୍ୟକ୍ତିର ପ୍ରଚେଷ୍ଟା ଓ ଉଦ୍ୟମ ଉପରେ ନିର୍ଭରଶୀଳ । ଅଧିକନ୍ତୁ ଏଥିରେ ସାହାବା[ର.ଅ]ଙ୍କର ଉତ୍ତମ ଆଚାର ବ୍ୟବହାର ଆମମାନଙ୍କ ସକାଶେ ଏକ ଆଦର୍ଶ ଓ ଉତ୍ତମ ନମୁନା । ସାହାବାମାନଙ୍କ ଜୀବନୀର ଅଧ୍ୟୟନ କରି ଦେଖ! ଭଲା କ'ଣ ସେମାନେ ସାଧାରଣ ନମାଜ ପାଠ କରି ସେହି ଉଚ୍ଚାସନ ଓ ପଦମର୍ଯ୍ୟାଦା ହାସଲ କରି ନେଇଥିଲେ । ନା, ବରଂ ସେମାନେ ତ ଈଶ୍ୱରଙ୍କ ପ୍ରୀତିଭାଜନ ଲାଭ କରିବା ସକାଶେ ନିଜ ଜୀବନର ମଧ୍ୟ ପରୁଆ କଲେ ନାହିଁ ଏବଂ ଛେଳିମେଣ୍ଢା ପରି ବଳି

ପଡିଗଲେ । **ତା'ପରେ ଯାଇ ସେମାନଙ୍କୁ ଏହି ଉଚ୍ଚାସନ ପ୍ରାପ୍ତ ହୋଇଥିଲା ।**

ହୁଜୁର[ଅ.ସ] କହିଲେ; ଆମେ ଏପରି ଅନେକ ଲୋକଙ୍କୁ ଦେଖିଛୁ, ଯେଉଁମାନେ ଏହା ହିଁ ଚାହିଁଥା'ନ୍ତି, ଯେ ଗୋଟିଏ ଫୁଙ୍କ ମାରି ତାଙ୍କୁ ଉଚ୍ଚସ୍ଥାନ ଓ ଉପାଦ୍ଧି ପ୍ରଦାନ କରିଦିଆଯାଉ ଏବଂ ଅର୍ଶ ପର୍ଯ୍ୟନ୍ତ ତାଙ୍କ ସମ୍ପର୍କ ସ୍ଥାପନ ହୋଇଯାଉ । ହୁଜୁର[ଅ.ସ] କହିଲେ; ଦେଖ ଆମ ପ୍ରିୟ ମୁନିବଙ୍କ ଠାରୁ ବଳି ମହାନ ଆଉ କିଏ ଅଛି ? ସେ ପୁରୁଷତ୍ତୋମ, ସର୍ବଶ୍ରେଷ୍ଠ ନବୀ ଓ ଅବତାର ଥିଲେ । ଯେବେ ସେ ନିଜେ ଫୁଙ୍କ ମାରି କାହାରିକୁ ବଡ କରି ନାହାନ୍ତି ତେବେ ଆଉ କିଏ ଅଛି ଯେ ଏପରି କରିପାରିବ ? ଦେଖ ! ସେ ଗାରେ ହୀରାରେ ନବୀଶ୍ରେଷ୍ଠ କିପରି କିପରି ଅଧ୍ୟବସାୟ ଓ ତପସ୍ୟା କରିଥିଲେ । ତାହା ମହାପରାକ୍ରମୀ ଅଲ୍ଲାଃ ହିଁ ଜାଣନ୍ତି, କେତେଯେ ପ୍ରାର୍ଥନା ଓ ସାଧନା କରିଥିଲେ ଏବଂ ନିଜ ଆତ୍ମଶୁଦ୍ଧି ନିମନ୍ତେ କେଉଁ କେଉଁ ପ୍ରକାର ପ୍ରାଣମୁର୍ଚ୍ଛା ଓ କଠିନରୁ କଠିନ ଆରାଧନା କରିଥିଲେ । **ତା'ପରେ ଯାଇ ପରମେଶ୍ୱରଙ୍କ ନିକଟରୁ ମହାଭାଗଙ୍କୁ ଏହି ଅନୁଗ୍ରହ ଓ ମହାଉପାଦ୍ଧି ଲାଭ ହେଲା ।**

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଈଶ୍ୱରପ୍ରେମରେ ବିଲିନ ହୋଇ ପୁଣ୍ୟଶ୍ଳୋକଙ୍କ ନମାଜ ପାଠ କରିବାର ଅବସ୍ଥା ଏପରି ଥିଲା ଯେ ମୁତରର୍‌ରଫ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି, ମୁଁ ହୁଜୁର[ସ.ଅ]ଙ୍କ ନିକଟକୁ ଗଲି, ସେତେବେଳେ ମହାଭାଗ ନମାଜ ପାଠ କରୁଥିଲେ । ଆଉ ହୁଜୁର[ସ.ଅ]ଙ୍କ ବକ୍ଷରୁ ଏପରି ଶବ୍ଦ ଶୁଣା ଯାଉଥିଲା, ଯେପରି ହାଣ୍ଡିରେ (ଖାଦ୍ୟ) ଟକମକ ହୋଇ ଫୁଟିଥାଏ । ମହାଭାଗ ଏତେ ବ୍ୟାକୁଳ ଓ ଅଥୟ ହୋଇ ରୋଦନ କରୁଥିଲେ ଏବଂ ଅତି ବିନୀତତାର ସହ ଗୁହାରି କରୁଥିଲେ ଯେ ଏପରି ପ୍ରତୀତ ହେଉଥିଲା, ଯେପରି ହାଣ୍ଡିରେ ଜଳ ଫୁଟୁଅଛି ।

ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ପୁଣ୍ୟଶ୍ଳୋକ ଏତେ ଅଧିକ ଉପାସନା କରୁଥିଲେ ଓ ନମାଜର କୟାମ୍ ଆସନରେ ଦଣ୍ଡାୟମାନ ରହୁଥିଲେ ଯେ ଆପଣଙ୍କ ପବିତ୍ର ପାଦ ଫୁଲି ଯାଉଥିଲା । ହଜରତ ମୁସଲେହ୍ ମଉଦ[ର.ଅ] ହଜରତ ମୁହମ୍ମଦ[ସ.ଅ]ଙ୍କର ଈଶ୍ୱରଙ୍କ ପ୍ରତି ଯେଉଁ ଅହେତୁକ ପ୍ରେମ ଓ ଉପାସନା ଥିଲା, ତାହାର ଚର୍ଚ୍ଚା କରି ଗୋଟିଏ ସ୍ଥାନରେ କହିଛନ୍ତି; ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି, ଯେତେବେଳେ ମହାଭାଗ ଶର୍ଯ୍ୟାଶୟୀ ହେଲେ ସେତେବେଳେ ଭୀଷଣ ଦୁର୍ବଳତା ଯୋଗୁଁ ନମାଜ ପାଠ କରିବା ପାଇଁ ଆପଣ ସକ୍ଷମ ନଥିଲେ । ତେଣୁ ମହାଭାଗ ହଜରତ ଅବୁବକର୍[ର.ଅ]ଙ୍କୁ ନମାଜ ପାଠ କରାଇ ଦେବାକୁ ଆଦେଶ ଦେଲେ । ସେ କୁହନ୍ତି; ମହାଭାଗ ନମାଜ ପାଠ କରେଇବାର ଆଦେଶ ଦେବା ପରେ ମଧ୍ୟ ଯେତେବେଳେ ବ୍ୟାଧିରେ ସାମାନ୍ୟ ସୁଧାର ଓ ଉପସମ ଅନୁଭବ କଲେ ସେତେବେଳେ ଲୋକମାନଙ୍କ ସାହାରା ନେଇ ନମାଜ ପାଠ କରିବାକୁ ମସଜିଦ୍ ବାହାରିଲେ, ହଜରତ ଆଏଶା[ର.ଅ] ବର୍ଣ୍ଣନା କରନ୍ତି; ଏବେ ବି ସେହି ଦୃଶ୍ୟ ମୋ ଆଖି ଆଗରେ ବିଦ୍ୟମାନ ରହିଛି, ଯେ ଭୀଷଣ ପୀଡ଼ା ଯୋଗୁଁ ମହାଭାଗଙ୍କ ପାଦ ଭୂପୃଷ୍ଠକୁ କେବଳ ସ୍ପର୍ଶ କରୁଥିଲା ଅର୍ଥାତ୍ ଅସହ୍ୟ ପୀଡ଼ା ଯୋଗୁଁ ମହାଭାଗ ବହୁ କଷ୍ଟରେ ଭୂମିରେ ପାଦ ରଖୁଥିଲେ । ଏହି ହଦିସ୍‌ରୁ ଜଣା ପଡୁଛି, ପୁଣ୍ୟଶ୍ଳୋକଙ୍କୁ କିପରି ଭୟଙ୍କର ବ୍ୟାଧି ଆକ୍ରାନ୍ତ କରୁ ନାକାହିଁକି ହୁଜୁର[ସ.ଅ] ଅଲ୍ଲାଃଙ୍କ ସ୍ମରଣ କରିବାକୁ କଦାପି ପାସୋରି ନଥିଲେ । ସାଧାରଣତଃ ଲୋକମାନଙ୍କ ଠାରେ ଦେଖାଯାଇଥାଏ ଯେ ସାମାନ୍ୟ କଷ୍ଟ ହେଲେ, ସେମାନେ ସମସ୍ତ ପ୍ରକାରର ଉପାସନା କରିବାକୁ ଭୁଲି ଯାଇଥା'ନ୍ତି । ନିଃସନ୍ଦେହରେ ଏସବୁ ପ୍ରସଙ୍ଗ ସାଧାରଣ ଓ ସାମାନ୍ୟ ଜ୍ଞାତ ହୋଇଥାଏ । କିନ୍ତୁ କ୍ଷଣିକ ପାଇଁ ହୁଜୁର[ସ.ଅ]ଙ୍କ ଅବସ୍ଥା ପ୍ରତି ନଜର କର, ଯେଉଁ ଅବସ୍ଥାରେ ମହାଭାଗ ପୀଡ଼ିତ ଥିଲେ ସେତେବେଳେ ମଧ୍ୟ

ମହାଭାଗ ଇଶ୍ୱରଙ୍କ ମହିମା ଗାନ କରିବାର ଆଗ୍ରହ ଓ ଜିଜ୍ଞାସା ଏପରି ରହିଥିଲା ଯେ, ଆପଣ ଦୁଇଜଣ ବ୍ୟକ୍ତିଙ୍କ କାନ୍ଧରେ ହାତ ରଖି (ମସଜିଦ୍) ପ୍ରସ୍ଥାନ କଲେ । ଏହା କୌଣସି ସାଧାରଣ ଘଟଣା ନଥିଲା, ବରଂ ମହାଭାଗଙ୍କ ହୃଦୟରେ ଯେଉଁ ଇଶ୍ୱରପ୍ରେମ ଓ ସେଥି ପ୍ରତି ଉତ୍କଣ୍ଠା ରହିଥିଲା, ତାହା ପରିପ୍ରକାଶ କରିବାର ଏହା ଏକ ପ୍ରତ୍ୟକ୍ଷ ଦର୍ପଣ ।

ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଏକଥା ବୁଝିପାରୁଥିବ ଯେ ଇଶ୍ୱରଙ୍କ ନାମ ଜପ କରିବା ମହାଭାଗଙ୍କ ଆହାର ଥିଲା ଓ ତାହା ବ୍ୟତୀତ ମହାଭାଗ କୌଣସି (କାର୍ଯ୍ୟରେ) ସେପରି ସୁଖ ଓ ଆନନ୍ଦ ଲାଭ କରୁ ନଥିଲେ । ଏହିପରି ମହାଭାଗ ଇଙ୍ଗିତ କଲେ, ଯେଉଁ ବିଷୟ ପ୍ରତି ମୋର ବିଶେଷ ରୁଚି ରହିଛି, ସେଥି ମଧ୍ୟରେ ଗୋଟିଏ ହେଉଛି କୁରତୁଲ୍ ଐନୀ ଫିସ୍‌ସଲାତ୍ । ଅର୍ଥାତ୍ ନମାଜ ମୋ ନେତ୍ରକୁ ଶୀତଳ କରିଥାଏ । ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ଆଜିକାଲି ଅଧିକାଂଶ ଯୁବକ, ପିଲା ଓ ଲୋକମାନେ ଏହି ପ୍ରଶ୍ନ କରିଥା'ନ୍ତି, ଯେ ପୁଣ୍ୟର ସଂଜ୍ଞା କ'ଣ ? କିପରି ଆମେ ଜାଣି ପାରିବୁ ଯେ ଅଲ୍ଲାଃତାଲା ଆମ ଉପରେ ପ୍ରସନ୍ନିତ ହେଲେ ? ମନେରଖ ! ଅଲ୍ଲାଃତାଲା ସତ୍‌କର୍ମ କରିବା ଓ ତାଙ୍କରି ସକାଶେ (କାର୍ଯ୍ୟ) କରିବା ଦ୍ୱାରା ହିଁ ରାଜି ହୋଇଥା'ନ୍ତି । ମାନବ ନିଜର ବିଶ୍ଳେଷଣ କରିବା ପାଇଁ ସ୍ୱୟଂ ସକ୍ଷମ । ତାହାକୁ କୌଣସି ବାହ୍ୟ ବ୍ୟକ୍ତିକୁ ବିଚାରକ ସ୍ଥିର କରିବାର ଆବଶ୍ୟକତା ନାହିଁ । **ମନୁଷ୍ୟ ସ୍ୱୟଂ ବୁଝିପାରିବ ଯେ ଯେଉଁ ସତ୍‌କର୍ମ ସେ ସମ୍ପାଦନ କରୁଅଛି, ଯଦି ତାହା ସେ ଇଶ୍ୱରଙ୍କ ସକାଶେ କରୁଅଛି ତେବେ ସୁନିଶ୍ଚିତ ରୂପେ ଇଶ୍ୱର ତାହାକୁ ପସନ୍ଦ କରିବେ ।**

ଦେଖ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଉପାସନାରେ ସର୍ବଦା ନିୟମାନୁବର୍ତ୍ତୀ ଥିଲେ । ପୁଣି ତାହା ଅତି ଆଗ୍ରହ ଓ ଉତ୍ସୁକତାର ସହିତ ସମ୍ପନ୍ନ କରୁଥିଲେ । ଆଉ ନିଜ ପାଳନକର୍ତ୍ତାଙ୍କ ଉପାସନାରେ ନିମର୍ଜ୍ଜିତ ହୋଇଯାଉଥିଲେ । ଏହି ଜପ ଓ ତପର କ୍ରମାନ୍ୱୟ ଏପରି ଦୀର୍ଘ ଅବଧିର ହେଉଥିଲା ଯେ ଅଧିକାଂଶ ସମୟରେ ମହାଭାଗଙ୍କ ପବିତ୍ର ପାଦ ଫୁଲି ଯାଉଥିଲା । ବର୍ଣ୍ଣିତ ରହିଛି, ଏହା ଦେଖି ହୁଜୁର[ସ.ଅ]ଙ୍କ ଅନୁଚରଗଣ କହୁଥିଲେ; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଏପରି ଉପାସନା କରିବାର ଆପଣଙ୍କୁ କ'ଣ ବା ଆବଶ୍ୟକ ? ଆପଣଙ୍କର ତ ସମସ୍ତ ଦୋଷତ୍ରୁଟି କ୍ଷମା କରି ଦିଆଯାଇଛି । **ଏହାର ଉତ୍ତରରେ ମହାଭାଗ କହୁଥିଲେ, କ'ଣ ମୁଁ ନିଜ ପାଳନକର୍ତ୍ତାଙ୍କ କୃତଜ୍ଞ ହେବି ନାହିଁ** । ମହାମାନ୍ୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ଅଲ୍ଲାଃ, ଅଲ୍ଲାଃ କିପରି ଅନୁପମ ପ୍ରେମାନୁରାଗ, ପ୍ରୀତି ସମ୍ପର୍କ ଓ ଭଲପାଇବା ଥିଲା । ଇଶ୍ୱରଙ୍କୁ ସ୍ମରଣ କରିବା ସକାଶେ ପୁଣ୍ୟଶ୍ଳୋକ ଛିଡ଼ା ହେଉଥିଲେ ଏବଂ ନିଜ ଅସ୍ତିତ୍ୱ ଓ ପ୍ରାଣକୁ ପୂର୍ଣ୍ଣ ରୂପେ ଭୁଲି ଯାଉଥିଲେ । କିନ୍ତୁ ସେହି ଦୁଃଖ ଓ ବେଦନା ଯାହାକି ଲୋକମାନଙ୍କୁ ଅଥୟ କରି ଦେଇଥାଏ । ଆଉ ଲୋକମାନେ ତାହା ଦ୍ୱାରା ପ୍ରଭାବିତ ହୋଇଥା'ନ୍ତି, କିନ୍ତୁ ମହାଭାଗଙ୍କ ଉପରେ ତାହାର କୌଣସି ପ୍ରଭାବ ପଡୁ ନଥିଲା । କିପରି ନିଷ୍ଠା ଓ କୃତଜ୍ଞତାରେ ପରିପୂର୍ଣ୍ଣ ଏହି ଉତ୍ତର ଅଟେ । କିପରି ମହାଭାଗଙ୍କ ପବିତ୍ର ହୃଦୟକୁ ଉନ୍ମୁକ୍ତ କରି ଉପସ୍ଥାପନ କରି ଦେଇଥାଏ । ପୁନଶ୍ଚ ଏହି ପରିପ୍ରେକ୍ଷୀରେ ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ପୁଣ୍ୟଶ୍ଳୋକ କିପରି ନିଜ କାର୍ଯ୍ୟରେ ମଗ୍ନ ରହୁଥିଲେ । ଏପରି ନୁହେଁ କି କେବଳ ଉପାସନା କରିନେଲେ ସମସ୍ତ ଦାୟିତ୍ୱ ଶେଷ ହୋଇଗଲା । ନା, ବରଂ ସାରାଦିନ ମହାଭାଗ ଅଲ୍ଲାଃଙ୍କ ଧର୍ମର ପ୍ରଚାର, ପ୍ରସାର ଓ ତାହାଙ୍କ ଆଜ୍ଞାବହ ତଥା ଆଦେଶ ପାଳନ କରିବାକୁ ପ୍ରୟାସରତ ରହୁଥିଲେ । ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ଅତଃ ଆମମାନଙ୍କୁ ମହାଭାଗଙ୍କ ଆଦର୍ଶ ଓ ନମୁନାର ଅନୁସରଣ କରି ନମାଜ ଓ ଉପାସନା ସକାଶେ ସେହି ସ୍ତର ହାସଲ କରିବା

ପାଇଁ ପ୍ରଚେଷ୍ଟା କରିବା ଉଚିତ୍ । ତେବେଯାଇ ଆମେମାନେ ପ୍ରକୃତ ମୁସଲମାନ ହୋଇପାରିବା ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମସିହ ମଉଦ[ଅ.ସ] ହଜରତ ମୀର ନାସିର୍ ନଓ୍ୱାବ ସାହେବ[ର.ଅ]ଙ୍କୁ ଏକ ପତ୍ର ଲେଖିଲେ, ଯେଉଁଥିରେ ଉଲ୍ଲେଖ ରହିଥିଲା– ଆପଣ ନିଜ ବ୍ୟବହାରିକ ଶୈଳୀ ନିମନ୍ତେ ଯେଉଁ ପ୍ରଶ୍ନ କରିଛନ୍ତି, ତାହା ଏହିକି ଯେ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ]ଙ୍କର ପୂର୍ଣ୍ଣ ଅନୁସରଣ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ହୁଜୁର[ସ.ଅ] ଯେଉଁ କାର୍ଯ୍ୟ ପ୍ରତି ସର୍ବାଧିକ ମନୋଯୋଗ କରୁଥିଲେ, ତାହା କେବଳ ଦୁଇଟି ପ୍ରସଙ୍ଗ ଥିଲା ଅର୍ଥାତ୍ ନମାଜ ଓ ଜିହାଦ୍ (ଉଦ୍ୟମ କରିବା) । ନମାଜ ସଂକ୍ରାନ୍ତରେ ମହାଭାଗ କହିଲେ; କୁରତୁଲ୍ ଐନୀ ଫିସ୍ସଲାତ୍ ଅର୍ଥାତ୍ ନମାଜ ମୋ ନେତ୍ରକୁ ଶୀତଳ କରିଥାଏ । ହୁଜୁର[ଅ.ସ] କହିଲେ; ସୁତରାଂ ଚଳିତ ଯୁଗରେ ଜିହାଦ୍ ତ ଆଧ୍ୟାତ୍ମିକ ରୂପ ଧାରଣ କରିନେଇଛି ଓ ଏବେ ଜିହାଦ୍ ହେଉଛି ଇସଲାମର କଲ୍ମାକୁ ଉର୍ଦ୍ଧ୍ୱଗାମୀ କରିବା ସକାଶେ ପ୍ରୟାସ କରିବା, ଯେପର୍ଯ୍ୟନ୍ତ କି ପରାକ୍ରମୀ ପରମେଶ୍ୱର ଅନ୍ୟ କୌଣସି ଉପାୟ ବିଶ୍ୱରରେ ପ୍ରକଟ କରି ଦେଇନାହାନ୍ତି । ମହାମହିମ ହୁଜୁର ଅନଓ୍ୱର[ଅ.ବ] (ଆମର) ଧ୍ୟାନ ଆକର୍ଷିତ କଲେ, ଯଦି ଆମେ ଏହା ଚାହୁଁଛେ ଯେ ଏହି ଜିହାଦ୍‌ରେ ଅଂଶ ଗ୍ରହଣ କରିବା ତେବେ ସର୍ବଶକ୍ତିମାନ ଅଲ୍ଲାଃଙ୍କୁ ପ୍ରେମ ଓ ଦୁଆ କରିବା ପ୍ରତି ଆମକୁ ମନୋଯୋଗ କରିବାକୁ ହେବ, ନିଜ ଉପାସନା ପ୍ରତି ମନନ କରିବାକୁ ହେବ । ଯଦି ଆମେ ମହାଭାଗଙ୍କ ଉତ୍ତମ ଆଚରଣର ଅନୁକରଣ କରିବା ତେବେ ଆମ କାର୍ଯ୍ୟରେ ମଧ୍ୟ ଅଲ୍ଲାଃଙ୍କ ଆଶିଷ ଅବତୀର୍ଣ୍ଣ ହେବ । ଅଲ୍ଲାଃତାଲା ଏଥିପାଇଁ ଆମମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ବଙ୍ଗଳାଦେଶର ଜମାଅତ ନିଜର ବାର୍ଷିକ ଧର୍ମସମ୍ମିଳନୀ ମଧ୍ୟ ଅନୁଷ୍ଠିତ କରୁଅଛି । ସେଠାରେ ବିରୋଧୀମାନଙ୍କ ବିଦ୍ରୋହ ମଧ୍ୟ ତୀବ୍ରତର ହେଉଅଛି । ତେଣୁ ସେମାନଙ୍କ ସକାଶେ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ଓ ତାଙ୍କର ଜଲ୍ସା ସକୁଶଳେ ପରିସମାପ୍ତ ହେଉ । ଆମିନ୍ ।

---

ଅଲ୍‌ହମ୍ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍ତଇନୁହୁ ଓନସ୍ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ୍ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

16th January 2026

*Translated to Odia by :* Moulavi Anwar Ahmad Khan